# NATIONAL NEWS BULLETIN (ODIA)

**17 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ଲକ୍ଷ୍ୟ ନେଇ ବିଭିନ୍ନ ସହଯୋଗୀ ରାଷ୍ଟ୍ରକୁ ଗସ୍ତରେ ଯିବେ ରାଜନୈତିକ ପ୍ରତିନିଧି ମଣ୍ଡଳୀ
- ବିପୁଳ ପୁଞ୍ଜି ନିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନର ସୁଯୋଗ ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ରଭାବେ ପ୍ରତିପାଦନ କରିପାରିଛି, କହିଲେ ସଡ଼କ, ଯୋଗାଯୋଗ ଓ ରାଜପଥ ମନ୍ତ୍ରୀ
- ଆମେରିକା ସହିତ ବାଣିଜ୍ୟ ଆଲୋଚନା ଜଟିଳ ଏବଂ ଚୂଡ଼ାନ୍ତ ନିଷ୍ପତ୍ତିଠାରୁ ବହୁ ଦୂରରେ ରହିଛି ବୋଲି କହିଲେ ବୈଦେଶିକମନ୍ତ୍ରୀ
- ଉଚ୍ଚରକ୍ତଚାପର କାରଣ ଏବଂ ଏହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହାଇପର ଟେନ୍‌ସନ ଡେ

ଏବଂ

- ୯୦ ମିଟରରୁ ଅଧିକ ଦୂରତାକୁ ଜାଭେଲିନ୍ ଫିଙ୍ଗି ଦୋହା ଡାଇମଣ୍ଡ ଲିଗ୍‌ର ପୁରୁଷ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କଲେ ନିରଜ ଚୋପ୍ରା

## ଗଭ୍-ଡେଲିଗେସନ୍

ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦ ବିରୁଦ୍ଧରେ କାର୍ଯ୍ୟକାରି କରାଯାଇଥିବା ଅପରେସନ୍ ସିନ୍ଦୂର ସମ୍ପର୍କରେ ସମଗ୍ର ବିଶ୍ୱ ନିକଟରେ ଭାରତର ପକ୍ଷ ରଖିବା ଲାଗି ବିଭିନ୍ନ ସହଯୋଗୀ ରାଷ୍ଟ୍ରକୁ ରାଜନୈତିକ

ପ୍ରତିନିଧି ଦଳ ପଠାଇବା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ପ୍ରତିନିଧି ଦଳରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ରହିବେ । ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ମାଧ୍ୟମରେ ପାକିସ୍ତାନରୁ ସନ୍ତ୍ରାସବାଦକୁ ବିଲୋପ କରିବା ଦିଗରେ ଭାରତର ପଦକ୍ଷେପ ସମ୍ପର୍କରେ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଯିବ ।

ରାଜନୈତିକ ଦଳର ପ୍ରତିନିଧିଙ୍କ ବ୍ୟତୀତ ପ୍ରମୁଖ କୂଟନୀତିଜ୍ଞ ମଧ୍ୟ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହେବେ । କଂଗ୍ରେସ ସାଂସଦ ଶଶି ଥରୁର, ବିଜେପି ସାଂସଦ ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁ ସାଂସଦ ସଂଜୟ କୁମାର ଝା, ଡିଏମକେ ସାଂସଦ କାନିମୋଝି କରୁଣାନିଧି, ଏନସିପି ସାଂସଦ ସୁପ୍ରିୟା ସୋଲେ, ଏବଂ ଶିବସେନା ସାଂସଦ ଶ୍ରୀକାନ୍ତ ଏକାନାଥ ସିନ୍ଧେଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ବିଭିନ୍ନ ରାଷ୍ଟ୍ରକୁ ଗସ୍ତ କରିବେ ।

ଏ ସଂପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସଂପର୍କରେ ଏହି ପ୍ରତିନିଧି ମଣ୍ଡଳୀ ଗସ୍ତ କରୁଥିବା ରାଷ୍ଟ୍ର ଗୁଡ଼ିକୁ ଅବଗତ କରାଇବେ । ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ଐକ୍ୟବଦ୍ଧତାକୁ ଏହା ପ୍ରମାଣିତ କରୁଛି ।

---

## ଗଡ଼କରୀ-ବ୍ରାଜିଲ

ଭାରତରେ ବିପୁଳ ପୁଞ୍ଜି ନିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉଦ୍ଭାବନର ସୁଯୋଗ ଏହାକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିପାଦନ କରିପାରିଛି ବୋଲି ସଡ଼କ ଯୋଗାଯୋଗ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ବ୍ରାଜିଲର

ସାଓପାଓଲ୍ ଠାରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ସେ କହିଛନ୍ତି, ଆର୍ଥିକ କ୍ଷେତ୍ରରେ ଅଗ୍ରଗତି, ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ଉନ୍ନତିକରଣ ଏବଂ ଆନ୍ତର୍ଜାତିକ ସହଯୋଗର ଦୃଢ଼ତା ଯୋଗୁଁ ଭାରତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିପାରିଛି । ଜୈବ ଇନ୍ଧନ, ସବୁଜ ଉଦ୍‌ଯାନ, ସ୍ୱଚ୍ଛ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ନିଜକୁ ପ୍ରତିପାଦିତ କରିପାରିଛି ବୋଲି ସେ କହିଛନ୍ତି । ଭାରତ-ବ୍ରାଜିଲ୍ ଦ୍ୱିପାକ୍ଷିକ ସଂପର୍କରେ ବୃଦ୍ଧି ନେଇ ପ୍ରବାସୀ ଭାରତୀୟଙ୍କ ସହଯୋଗକୁ ଶ୍ରୀ ଗଡ଼କରୀ ଉଚ୍ଚପ୍ରଶଂସା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତରେ ଯଥେଷ୍ଟ ସମ୍ଭାବନା ରହିଛି ଏବଂ ଏହାର ସୁଯୋଗ ନେବାକୁ ମନ୍ତ୍ରୀ ଶ୍ରୀ ଗଡ଼କରୀ ଏହି ଅବସରରେ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଇଛନ୍ତି ।

---

## ୧୧- ଟ୍ରମ୍ପ -ଭାରତ ବ୍ୟାପାର

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତ ଆମେରିକୀୟ ସାମଗ୍ରୀ ଉପରେ ସମସ୍ତ ଶୁଳ୍କ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଛି । ସେ କହିଛନ୍ତି, ବର୍ତ୍ତମାନ କୌଣସି ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଶୀଘ୍ର ହେବ ନାହିଁ ।

ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଡୋନାଲ୍‌ଡ ଟ୍ରମ୍ପଙ୍କ ଦାବି ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଆମେରିକା ସହିତ ବାଣିଜ୍ୟ ଆଲୋଚନା ଜଟିଳ ଏବଂ ଚୂଡ଼ାନ୍ତ ନିଷ୍ପତ୍ତିଠାରୁ ବହୁ ଦୂରରେ ରହିଛି । ସାମ୍ବାଦିକମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ଜୟଶଙ୍କର କହିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଚାଲିଛି ଏବଂ ଯେକୌଣସି ବାଣିଜ୍ୟ ଚୁକ୍ତି ଲାଭଦାୟକ ଏବଂ ଉଭୟ ଦେଶର ସ୍ୱାର୍ଥ ପାଇଁ ହେବା ଉଚିତ ।

---

## ୧୩-ଆଧାର ଡିଜିଟାଲ ଅର୍ଥ ବ୍ୟବସ୍ଥା

ଆଧାର ପ୍ରାମାଣିକରଣ ବ୍ୟବସ୍ଥା ମାଧ୍ୟମରେ ମୋଟ୍ କାରବାର ୧୫୦ ବିଲିୟନ ଅତିକ୍ରମ କରିଛି । ଏହା ଭାରତୀୟ ଏକକ ପରିଚୟ ପ୍ରାଧିକରଣ ଏବଂ ଆଧାର ଉପଯୋଗର ବ୍ୟାପକତାକୁ ପ୍ରମାଣ କରୁଛି । ଏହି ସଫଳତା ଦେଶରେ ଆଧାରର ବ୍ୟାପକ ବ୍ୟବହାର ଏବଂ ଡିଜିଟାଲ୍ ଅର୍ଥନୀତିର ଅଭିବୃଦ୍ଧିକୁ ଦର୍ଶାଉଛି । କେବଳ ଏପ୍ରିଲ୍ ମାସରେ ପ୍ରାୟ ୨୧୦ କୋଟି ଆଧାର ପ୍ରାମାଣିକରଣ କାରବାର ହୋଇଥିବା ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ କହିଛି। ଏହା ଏପ୍ରିଲ୍ ୨୦୨୪ ତୁଳନାରେ ପ୍ରାୟ ୮ ପ୍ରତିଶତ ଅଧିକ । ଦୈନନ୍ଦିନ କାରବାରକୁ ଏହା ଅଧିକ ସରଳ କରିବା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ସହଜ ହୋଇପାରିଛି । ଉପଭୋକ୍ତାଙ୍କୁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବାରେ ଆଧାର ଇ-କେଓ୍ୱାଇସି ସେବା ଅତ୍ୟନ୍ତ ଉପଯୋଗୀ ହୋଇପାରିଛି । ସରକାରୀ ଏବଂ ଘରୋଇ କ୍ଷେତ୍ରର ୧୦୦ରୁ ଅଧିକ ସଂସ୍ଥା ମୁଖ ଚିହ୍ନଟ ବ୍ୟବସ୍ଥା ମାଧ୍ୟମରେ ସେବା ପ୍ରଦାନ କରୁଛନ୍ତି ।

---

## ଓ୍ୱାର୍ଲଡ ହାଇପର ଟେନ୍‌ସନ ଡେ

ଉଚ୍ଚରକ୍ତଚାପର କାରଣ ଏବଂ ଏଥିଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ହାଇପର ଟେନ୍‌ସନ ଡେ ପାଳନ କରାଯାଉଛି । ଲୋକଙ୍କୁ ଏହି ରୋଗର ଭୟାବହତା ସଂପର୍କରେ ଅବଗତ କରାଇବା ଲକ୍ଷ୍ୟ ନେଇ ପ୍ରତିବର୍ଷ ମଇ ମାସ ୧୭ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି "ଉଚ୍ଚରକ୍ତଚାପକୁ ସଠିକ୍ ଭାବେ ମାପ କରିବା, ନିୟନ୍ତ୍ରଣ କରିବା ଏବଂ ଦୀର୍ଘଜୀବୀ ହେବା।" ୨୦୦୫ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇ ଆସୁଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ସାକ୍ଷାତକାରରେ ନୂଆଦିଲ୍ଲୀ ଏମ୍‌ସର ଭେଷଜ ବିଭାଗର

ପ୍ରଫେସର ଡାକ୍ତର ନଭଲ କେ. ବିକ୍ରମ କହିଛନ୍ତି, ହାଇପର ଟେନ୍‌ସନ ମୃତ୍ୟୁର କାରଣ ହୋଇପାରେ । ଏହାର କୌଣସି ଲକ୍ଷଣ ଜଣାପଡ଼େ ନାହିଁ । ଜଣାପଡ଼ିବା ବେଳକୁ ପରିସ୍ଥିତି ବିପଦଜନକ ସ୍ଥିତିକୁ ଚାଲିଯାଇଥାଏ । ହୃଦ୍‌ରୋଗ ଏବଂ ହୃଦ୍‌ଘାତ' ହାଇପର ଟେନ୍‌ସନ ଏକ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ନିରନ୍ତର ଭାବେ ଉଚ୍ଚ ରକ୍ତଚାପକୁ ମାପିବା ସହିତ ଆବଶ୍ୟକସ୍ଥଳେ ଏଥିପାଇଁ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

## ୧୦-ଆମେରିକା ସୁପ୍ରିମକୋର୍ଟ

ଆମେରିକାର ସୁପ୍ରିମକୋର୍ଟ ଭେନ୍‌ଜୁଏଲାର ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶକୁ ବଜାୟ ରଖିଛନ୍ତି । ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ନିର୍ବାସନ ଚେଷ୍ଟା କରିବା ପୂର୍ବରୁ ପ୍ରଶାସନ ପର୍ଯ୍ୟାପ୍ତ ଆଇନଗତ ପ୍ରକ୍ରିୟା ଯୋଗାଇବାରେ ବିଫଳ ହୋଇଥିଲା । କୋର୍ଟ ପୂର୍ବରୁ ଏପ୍ରିଲ୍ ୧୯ ତାରିଖରେ ଟେକସାସର ଏକ ଅଟକ କେନ୍ଦ୍ରରେ ରଖାଯାଇଥିବା ଅନେକ ପ୍ରବାସୀଙ୍କ ନିର୍ବାଚସନକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ କଡ଼ା ସମାଲୋଚନା କରିବା ସହ ଆମେରିକା ପାଇଁ ଏହା ଦୁର୍ଭାଗ୍ୟର ଦିନ ବୋଲି କହିଛନ୍ତି ।

## ୨୧-ଦିଲ୍ଲୀ ଫାୟାର ପ୍ରିପ୍ୟାର୍ଡନେସ୍

ଗ୍ରୀଷ୍ମଋତୁରେ ଅଗ୍ନିକାଣ୍ଡର ମୁକାବିଲା ଲକ୍ଷ୍ୟ ନେଇ ଦିଲ୍ଲୀ ଅଗ୍ନିଶମ ବିଭାଗ ଏହାର ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିଛି । ଦିଲ୍ଲୀ ଅଗ୍ନିଶମ ସେବା ନିର୍ଦ୍ଦେଶକ ଅତୁଲ ଗର୍ଗ ଆକାଶବାଣୀ ସମାଚାର ବିଭାଗ ସହିତ କଥାବାର୍ତ୍ତା ସମୟରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅଗ୍ନିନିର୍ବାପକ ଯାନବାହାନର ଫ୍ଲିଟ୍‌ରେ

୨୪ଟି ନୂତନ ଉଚ୍ଚଚାପ ପାଣି ଫିଙ୍ଗିବା  ବ୍ୟବସ୍ଥା କରାଯାଇଛି । ଶ୍ରୀ ଗର୍ଗ କହିଛନ୍ତି ଏହି ଯାନଗୁଡ଼ିକ ସଂକୀର୍ଣ୍ଣ ଗଳି ଦେଇ ଯାଇପାରିବ, ଯେଉଁଠାରେ ବଡ଼ଯାନ ଗୁଡ଼ିକ ପହଞ୍ଚିବା ସମ୍ଭବ ନୁହେଁ। ସେ କହିଛନ୍ତି ଯେ ଫ୍ଲିଟ୍‌ରେ ୨୦ଟି ନୂତନ ବାଉଜର୍ ମଧ ଯୋଡ଼ା ଯାଇଛି, ଯାହା ନିଆଁ ଲିଭାଇବା ସହିତ ପାଣି ଅଭାବର ମୁକାବିଲା କରିବାରେ ସାହାଯ୍ୟ କରିବ। ସେ କହିଛନ୍ତି ଏହି ଋତୁରେ କର୍ମଚାରୀଙ୍କ ସଂଖ୍ୟା ସର୍ବାଧିକ ରଖିବାପାଇଁ ସେମାନଙ୍କ ଛୁଟିକୁ ସୀମିତ କରାଯାଇଛି । ଯାହାଦ୍ୱାରା ଯେକୌଣସି ଅଗ୍ନିକାଣ୍ଡ ଘଟଣାର ମୁକାବିଲା ସୁରୁଖୁରୁରେ କରାଯାଇ ପାରିବ ।

## ୨-ନିରଜ ଚୋପ୍‌ଡା ଜାଭ୍‌ଲିନ୍ ଥ୍ରୋ ଫଳାଫଳ

ଦୋହା ଡାଇମଣ୍ଡ ଲିଗ୍‌ର ପୁରୁଷ ପ୍ରତିଯୋଗିତାରେ ଭାରତର ନିରଜ ଚୋପରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ୯୦ ଦଶମିକ ୨/୩ ମିଟର ଦୂରତାକୁ ଜାଭ୍‌ଲିନ୍ ଫିଙ୍ଗିବାରେ ସଫଳ ହୋଇଥିଲେ । ଜର୍ମାନୀର ଜୁଲିୟାନ ୯୧ ଦଶମିକ ୦/୬ ମିଟର ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ନିରଜ ରାଉଣ୍ଡରେ ୯୦ ଦଶମିକ ୨/୩ ମିଟର ଜାଭଲିନ୍ ଫିଙ୍ଗି ତାଙ୍କ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ ମିଟର ଦୂରତା ଅତିକ୍ରମ କରିଥିଲେ । ଜୁଲିୟନ୍ ୱେବରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ନିଜ ସଫଳତା ସଂପର୍କରେ ନିରଜ ଚୋପରା କହିଛନ୍ତି:

**V/O**

ଏହି ସଫଳତା ପାଇଁ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିରଜ ଚୋପ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ପୋଷ୍ଟ କରି ଏହି ସଫଳତା ଉଲ୍ଲେଖନୀୟ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଭାରତ ଏହି ସଫଳତାରେ ଗର୍ବିତ ଏବଂ ଖୁସି ଅନୁଭବ କରୁଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକ ଆଜିଠାରୁ ଆରମ୍ଭ ହେବ । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ବି.ସି.ସି. ଆଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଇ.ପି.ଏଲ୍.ର ଏହି ସଂସ୍କରଣ ଫାଇନାଲ୍ ମ୍ୟାଚ୍ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହେବ । ଭାରତ-ପାକିସ୍ତାନ ଉତ୍ତେଜନା ପରିପ୍ରେକ୍ଷୀରେ ଚଳିତ ବର୍ଷର ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତା ଗତ ୯ ତାରିଖରୁ ଏକ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା । ବାକି ମ୍ୟାଚ୍ ଗୁଡ଼ିକ ମଧ୍ୟରୁ କେତେକର ସ୍ଥାନ ଓ ସମୟରେ ପରିବର୍ତ୍ତନ କରାଯାଇଛି ।

ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍ ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ । ମୋହାଲି ଏବଂ ଧର୍ମଶାଳାରେ ଏହି ସଂସ୍କରଣର ଆଉ କୌଣସି ମ୍ୟାଚ୍ ଅନୁଷ୍ଠିତ ହେବ ନାହିଁ । କେବଳ ଜୟପୁର, ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ ଏବଂ ଅହମ୍ମଦାବାଦରେ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତି ମ୍ୟାଚ୍ ଗୁଡ଼ିକ ଖେଳାଯିବ ବୋଲି ବି.ସି.ସି.ଆଇ. ସ୍ପଷ୍ଟ କରିଛି । ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅହମ୍ମଦାବାଦରେ ଖେଳାଯିବାକୁ ଥିବା ପରବର୍ତ୍ତି ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଜୟପୁରର ଏସ୍.ଏମ୍.ଏସ୍. ଷ୍ଟାଡିୟମ୍ ଠାରେ ଖେଳାଯିବ । ୨୯ ତାରିଖ ଠାରୁ ପ୍ଲେ ଅଫ୍ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ ।